**ବିଜ୍ଞପ୍ତି ପ୍ରକାଶ କଲେ କେନ୍ଦ୍ର ସରକାର ■ ଜଷ୍ଟିସ୍ ଏ ଏମ୍ ଖାନ୍‌ୱିଲ୍‌କର୍ ହେବେ ଅଧ୍ୟକ୍ଷ**

# ମହାନଦୀ ଟ୍ରିବ୍ୟୁନାଲ୍ ଗଠିତ



ଜଷ୍ଟିସ୍ ଅଜୟ ମାଣିକରାଓ ଖାନ୍‌ୱିଲ୍‌କର

**ନୂଆଦିଲ୍ଲୀ, ୧୨।୩/ଏନ୍‌ଏନ୍‌ଏସ୍:**

ଶେଷରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଗଠନ ସମ୍ପର୍କରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । କେନ୍ଦ୍ର ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରଣାଳୟ ତରଫରୁ ଆଜି ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅଜୟ ମାଣିକରାଓ ଖାନ୍‌ୱିଲ୍‌କର୍ ଅଧ୍ୟକ୍ଷ ଅଛନ୍ତି । ସେହିପରି ପାଟନା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରବି ରଞ୍ଜନ ଓ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଇନ୍ଦରମିତ୍ କୌର କୋଚର୍ ସଦସ୍ୟ ରହିଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ତରଫରୁ ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନଙ୍କୁ ମନୋନୀତ କରାଯାଇଥିବା କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ସଚିବ ଉପେନ୍ଦ୍ର ପ୍ରସାଦ ସିଂହ ଜାରି କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଇଛନ୍ତି । ଆନ୍ତଃରାଜ୍ୟ ଜଳ ବିବାଦ ଆଇନ୍-୧୯୫୬ର ଧାରା ୪ ଅନୁସାରେ ଏହି ଟ୍ରିବ୍ୟୁନାଲ୍ ଗଠନ କରାଯାଇଥିବା ବେଳେ ଏହାର ମୁଖ୍ୟାଳୟ ଦିଲ୍ଲୀରେ ରହିବ ବୋଲି ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି । ଟ୍ରିବ୍ୟୁନାଲ୍‌ର କାର୍ଯ୍ୟକାଳ ୩ ବର୍ଷ ରହିବ ଏବଂ ଯଦି ଦରକାର ପଡ଼େ ଏହାକୁ ଆଉ ୨ ବର୍ଷ ବୃଦ୍ଧି କରାଯାଇ ପାରିବ । ଏଠାରେ ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ୍ ଗଠନ ନେଇ ଓଡ଼ିଶା ସରକାର ଦୀର୍ଘଦିନ ଧରି ଦାବି କରିଆସୁଥିଲେ । ଏନେଇ ସୁପ୍ରିମକୋର୍ଟରେ ପିଟିସନ ମଧ୍ୟ ଦାଏର୍ କରାଯାଇଥିଲା । କୋର୍ଟ ଏହି ମାମଲାର ଶୁଣାଣି କରି ଗତ ଜାନୁଆରୀ ୨୩ ତାରିଖରେ ମହାନଦୀ ବିବାଦର ସମାଧାନ ନିମନ୍ତେ ଏକ ଜଳ ବିବାଦ ଟ୍ରିବ୍ୟୁନାଲ୍ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ଗତ ଫେବୃଆରୀ ୨୦ ତାରିଖରେ ଟ୍ରିବ୍ୟୁନାଲ୍ ଗଠନ କରିବାକୁ କେନ୍ଦ୍ର କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା । ମହାନଦୀ ଜଳକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ୍ ବଦଳରେ ଯୁଗ୍ମ ନିୟନ୍ତ୍ରଣ ବୋର୍ଡ ଗଠନ କରିବାକୁ ଦାବି କରିଆସୁଥିଲେ । ୧୯୮୩ ଏପ୍ରିଲ୍ ୨୮ ତାରିଖରେ ଓଡ଼ିଶା ଓ ତତ୍କାଳୀନ ମଧ୍ୟପ୍ରଦେଶ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାର ସ୍ମାରକପତ୍ର ଅନ୍ତର୍ଗତ ୧୧ ନମ୍ବର ଧାରା ଅନୁଯାୟୀ ଯୁଗ୍ମ ନିୟନ୍ତ୍ରଣ ବୋର୍ଡ ଗଠନ କରାଯିବାକୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ ।